# ଭାରତୀୟ ଜନତା ପାର୍ଟି ଓ ସଂଖ୍ୟାଲଘୁ

ତା.୨୫.୦୨.୨୦୧୪

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

ଭାରତୀୟ ଜନତା ପାର୍ଟିର ସଂଖ୍ୟାଲଘୁ ମୋର୍ଚ୍ଚା ଓ ରାଷ୍ଟ୍ରୀୟ ମୁସଲିମ ମଞ୍ଚ ଆଜି ଏକ ମିଳିତ ସମାବେଶରେ ଦିଲ୍ଲୀଠାରେ ଏକାଠି ହୋଇଥିଲେ । ମୁଁ ଏହି ସଭାର ଉଦ୍ଘାଟନ ଉତ୍ସବରେ ଯୋଗ ଦେଇଥିଲି । ଭା.ଜ.ପା ର ରାଷ୍ଟ୍ରୀୟ ସଭାପତି ଶ୍ରୀ ରାଜନାଥ ସିଂହଙ୍କ ଦ୍ୱାରା ଏହା ଉଦ୍ଘାଟିତ ହୋଇଥିଲା । ଏହି ସଭାରେ ସାମିଲ ହୋଇଥିବା ସମସ୍ତ ସଭ୍ୟମାନେ ଅଧିକ ଉତ୍ସାହିତ ଜଣାପଡୁଥିଲେ ।

ଏକ ସଙ୍ଗଠିତ ଉପାୟରେ ଭା.ଜ.ପା ପ୍ରତି ସଂଖ୍ୟାଲଘୁମାନଙ୍କର ଭିତ୍ତି ସୃଷ୍ଟି କରିବାପାଇଁ ଏକ ସୁଚିନ୍ତିତି ଯୋଜନା ସଂଗଠିତ ଉପାୟରେ ଚାଲିଆସୁଅଛି । ଭା.ଜ.ପା ର କାର୍ଯ୍ୟକର୍ତ୍ତାମାନଙ୍କର ଦୃଢ଼ ପ୍ରୟାସଥିଲା କି, ଭା.ଜ.ପା ସଂଖ୍ୟାଲଘୁମାନଙ୍କର ଶତ୍ରୁ ନୁହେଁ ବୋଲି ସାବ୍ୟସ୍ତ କରିବା । କିଛି ଘଟଣାରୁ ଜଣାପଡ଼େ ଭା.ଜ.ପା ର ଚିନ୍ତାଧାରା ସଂଖ୍ୟାଲଘୁଙ୍କ ପାଇଁ ଅତ୍ୟନ୍ତ ସ୍ପଷ୍ଟ । ୧୯୮୪ ମସିହାର ଶିଖ ବିରୋଧୀ ଦଙ୍ଗାରେ ଭା.ଜ.ପାର ସ୍ପଷ୍ଟ ବିଚାର ଯୋଗୁଁ ଶିଖ ସମ୍ପ୍ରଦାୟର ସଦସ୍ୟମାନେ ପଞ୍ଜାବ, ଦିଲ୍ଲୀ, ରାଜସ୍ଥାନ ଓ ଉତ୍ତରାଖଣ୍ଡର ବିଧାୟକ ଓ ସାଂସଦ ଆସନରୁ ମଧ୍ୟ ବିଜୟ ଲାଭ କରିଥିଲେ ଏବଂ ବହୁ ସଂଖ୍ୟାରେ ଶିଖ ସମ୍ପ୍ରଦାୟର କାର୍ଯ୍ୟକର୍ତ୍ତାମାନେ ମଧ୍ୟ ଭା.ଜ.ପାର ବିଭିନ୍ନ ରାଜ୍ୟରେ ପଦ ପଦବୀରେ ଅଛନ୍ତି ।

ଶେଷ ନିର୍ବାଚନର ଫଳାଫଳରେ ଯଦି ଗୋଆକୁ ଦେଖାଯାଏ, ଖ୍ରୀଷ୍ଟିଆନ ସମ୍ପ୍ରଦାୟର ବହୁ ଭୋଟର ଭା.ଜ.ପା କୁ ବିପୁଳ ପରିମାଣର ଭୋଟ ଦେଇଥିଲେ । ଖ୍ରୀଷ୍ଟଆନ ସମ୍ପ୍ରଦାୟ ଓ ଭା.ଜ.ପା ମଧ୍ୟରେ ଯେଉଁ ପ୍ରତିବନ୍ଧକ ଥିଲା ତାହା କ୍ରମଶଃ ଦୂର ହୋଇଯାଇଛି । ସଂଖ୍ୟାଲଘୁ ସମ୍ପ୍ରଦାୟର ଉପ ମୁଖ୍ୟମନ୍ତ୍ରୀଙ୍କ ସହିତ ବହୁ ମନ୍ତ୍ରୀ ମଧ୍ୟ ବି.ଜେ.ପି ରେ କାର୍ଯ୍ୟ କରୁଛନ୍ତି । ଚଳିତ ରାଜସ୍ଥାନର ବିଧାନ ସଭା ନିର୍ବାଚନରେ ଦୁଇଜଣ ଶିଖ ଓ ଦୁଇଜଣ ମୁସଲମାନ ମଧ୍ୟ ଭା.ଜ.ପା ତରଫରୁ ନିର୍ବାଚିତ ହୋଇଛନ୍ତି ଏବଂ ସ୍ଥାନୀୟ ନିର୍ବାଚନରେ ଗୁଜୁରାଟ ଓ ମଧ୍ୟପ୍ରଦେଶରେ ବହୁ ସଂଖ୍ୟାଲଘୁ ନେତାମାନେ ବିଭିନ୍ନ ପଦ ପଦବୀରେ ଅଧିଷ୍ଠିତ ହୋଇଛନ୍ତି ।

ବହୁ ସଂଖ୍ୟାଲଘୁ କ୍ଷେତ୍ରରେ ଭା.ଜ.ପା ଏକ ଆନନ୍ଦ ଦାୟକ ସ୍ଥିତିରେ ପହଞ୍ଚିଛି ଓ ତାଙ୍କ ମଧ୍ୟରେ ଭା.ଜ.ପାର ନେତୃତ୍ୱ ବିକଶିତ ହୋଇଅଛି । ପରିଣାମ ସ୍ୱରୂପ ବହୁ ଭୋଟର ଭା.ଜ.ପା ଆଡ଼କୁ ଆକର୍ଷିତ ହେଉଛନ୍ତି । ପ୍ରକୃତ ପକ୍ଷେ ଭା.ଜ.ପା ଏବଂ ଅନ୍ୟ ରାଜନୈତିକ ଦଳ ହିସାବରେ ଆମେ ସଂଖ୍ୟାଲଘୁଙ୍କୁ କେବେ ମୁଣ୍ଡ ଗଣତିକୁ ନେଉନାହୁଁ । ଆମେ ସେମାନଙ୍କୁ ଭାରତୀୟ ବୋଲି ଭାବୁ । ଏହି ସଭାରେ ଆମେମାନେ ଉଚ୍ଚ ସ୍ୱରରେ ଭାରତକୁ ଦଙ୍ଗା ରହିତ ଦେଶରେ ପରିଣତ କରିବା ପାଇଁ ବଜ୍ରନିର୍ଘୋଷ କରିବା ସହ ସଂଖ୍ୟାଲଘୁ ନାଗରିକଙ୍କୁ ମଧ୍ୟ ସୁରକ୍ଷା ଦେବାପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ହେଲୁ । ଅର୍ଥନୈତିକ ବିକାଶ ପାଇଁ ସମସ୍ତ ଭାରତୀୟ ସଂଖ୍ୟାଲଘୁ ସମ୍ପ୍ରଦାୟ ସହିତ ଚେଷ୍ଟା କରିବା ଦରକାର । ତେଣୁ ଆମେମାନେ ତାଙ୍କ ଜୀବନ ଶୈଳୀରେ ଉନ୍ନତି ଆଣିବା ଆବଶ୍ୟକ ।

ଏହି ସଭାରେ ସର୍ବସମ୍ମତି କ୍ରମେ ମତ ବ୍ୟକ୍ତ କରାଗଲା ଯେ ଏହି ଭଳି ସାରା ଭାରତ ବର୍ଷରେ ଏକ ହଜାର ସଭା ଆୟୋଜନ କରାଯିବ ଏବଂ ବିରୋଧୀ ଦଳଙ୍କ ଦ୍ୱାରା ଯେଉଁ ଭୂଲ ବୁଝାମଣା ସୃଷ୍ଟି ହୋଇଛି ତାହାର ଅନ୍ତ ହେବା ଆବଶ୍ୟକ ।